**ସଂକ୍ଷେପରେ**

## ୧୪୯୦ ଚାଷୀ କ୍ଷତିଗ୍ରସ୍ତ

**ବନ୍ତ,୧୪।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକରେ ବାତ୍ୟାରେ ପ୍ରଭାବିତ ହୋଇଥିବା ଚାଷଜମିର କ୍ଷୟକ୍ଷତି ଆକଳନ ଗତ ସୋମବାରଠାରୁ ଆରମ୍ଭ ହୋଇଥିଲା। ବୁଧବାର ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ବନ୍ତ ତହସିଲ ଅଧୀନରେ ମୋଟ ୧୪୯୦ ଚାଷୀଙ୍କର କ୍ଷୟକ୍ଷତି ହୋଇଥିବା ନେଇ ରିପୋର୍ଟ ଦାଖଲ ହୋଇଛି। ଏହି ରିପୋର୍ଟ ୬ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ମିଳିଥିବା ଜଣାଯାଇଛି। ଏହି ଚାଷୀମାନଙ୍କର କେତେ ଚାଷଜମି କ୍ଷତିଗ୍ରସ୍ତ ହୋଇଛି ସେ ସମ୍ପର୍କରେ ତହସିଲରେ ରିପୋର୍ଟ ପ୍ରଦାନ କରାଯାଇନାହିଁ। ଅପରପକ୍ଷେ ଗତ ୪ ଦିନ ଧରି ବିଭିନ୍ନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଶହ ଶହ ଚାଷୀ ଫସଲହାନି ସମ୍ପର୍କରେ ଅଭିଯୋଗ କରୁଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇ କ୍ଷୟକ୍ଷତି ଆକଳନ କରାଯାଉଛି। ଫସଲହାନି ଘଟିଥିବା ଚାଷୀମାନେ ଯେପରି ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ଶିଶୁବିହାରରେ ଶିଶୁ ଉତ୍ସବ

**ବାସୁଦେବପୁର, ୧୪।୧୧ (ଡି.ଏନ.ଏ.):** ବାସୁଦେବପୁର ଶିଶୁବିହାର ଶିକ୍ଷାନୁଷ୍ଠାନ ପରିସରରେ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ଓ ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନ ସଭାପତି ମାନସ ରଞ୍ଜନ ସାହୁ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ସନ୍ତୋଷ ମହାରଣା ସଭାପତିତ୍ୱ କରିଥିଲେ। ଏହି ଅବସରରେ ନୃତ୍ୟଗୀତ, ଏକକ ଅଭିନୟ ବିଭାଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସେହିପରି ବିଦ୍ୟାଳୟର ନବାଗତ ୫୪ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୬ ମାସ ହେଲା ଉପୁଡ଼ି ପଡ଼ିଛି ବିଦ୍ୟୁତ୍ ଖୁଣ୍ଟ

# ପାନୀୟ ଜଳ ପ୍ରକଳ୍ପ ଅଚଳ

**ତିହିଡ଼ି, ୧୪।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତ ନନ୍ଦକନ୍ଦର୍ପ ଗ୍ରାମରେ ଥିବା ପାନୀୟଜଳ ପ୍ରକଳ୍ପ ଦୀର୍ଘ ୬ ମାସ ହେଲା ଅଚଳ ହୋଇ ପଡ଼ିଛି। ବାହାବଳପୁରରୁ ନନ୍ଦକନ୍ଦର୍ପ ପ୍ରକଳ୍ପ ସହ ସଂଯୋଗ ଥିବା ୭ଟି ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ଏଭଳି ଅଚଳାବସ୍ଥା ଦେଖାଦେଇଛି। ଫଳରେ ଉପାନ୍ତ ଅଞ୍ଚଳର ଲୋକେ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାଛଡ଼ା ଉପୁଡ଼ି ପଡ଼ି ରହିଥିବା ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାଦ୍ୱାରା ଧନଜୀବନ ହାନି ହେବାର ଆଶଙ୍କା ଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି।



ବାହାବଳପୁରରେ ଉପୁଡ଼ି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ।

ସେମାନେ ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଛନ୍ତି।

ନନ୍ଦକନ୍ଦର୍ପ ପାନୀୟଜଳ ପ୍ରକଳ୍ପକୁ ବାହାବଳପୁରରୁ ବିଦ୍ୟୁତ୍ ସଂଯୋଗ ହୋଇଛି। ତେବେ ବିଦ୍ୟୁତ୍ ଖୁଣ୍ଟ ଠିକ୍ ଭାବେ ବସାଯାଇ ନ ଥିବାରୁ ୬ମାସ ମଧ୍ୟରେ ଏହା ୩ଥର ଉପୁଡ଼ି ଯାଇ ଶୋଇରହୁଛି। ଦାୟିତ୍ୱରେ ଥିବା ଠିକାଦାର ନାମକୁମାତ୍ର ମରାମତି କରୁଥିବାରୁ ଏହାର ସ୍ଥାୟୀ ସମାଧାନ ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି। ୭ଟି ଖୁଣ୍ଟ ମଧ୍ୟରୁ ଗୋଟିଏ ଭକ୍ତହରି ବେହେରା ନାମକ ଜଣେ ବ୍ୟକ୍ତିଙ୍କ ଘର ଆଡ଼କୁ ଢଳି ରହିଥିବାରୁ ପରିବାର ଲୋକେ ଭୟଭୀତ ଅବସ୍ଥାରେ ଦିନ ବିତାଉଛନ୍ତି। ତୁରନ୍ତ ବିଦ୍ୟୁତ୍ ଖୁଣ୍ଟ ସଜାଡ଼ି ପାନୀୟଜଳ ପ୍ରକଳ୍ପ ଚାଲୁ କରିବାକୁ ପୂର୍ବତନ ସରପଞ୍ଚ ଅମରେନ୍ଦ୍ର ବେହେରା, ପ୍ରହ୍ଲାଦ ମଲିକ, ସୁରେନ୍ଦ୍ର ବନ୍ଧ, ରାମଚନ୍ଦ୍ର ଦାସ, ବାଦଲ ବେହେରା, ନିରଞ୍ଜନ ବେହେରା ପ୍ରମୁଖ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ପ୍ରିୟବ୍ରତ ନାୟକଙ୍କୁ ପଚାରିବାରୁ ତୁରନ୍ତ ଖୁଣ୍ଟ ସଜାଡ଼ିବାକୁ ଠିକାଦାରଙ୍କୁ କୁହାଯାଇଥିବା ସେ କହିଛନ୍ତି।

## ‘ଶିଶୁଙ୍କୁ ଭଲ ମଣିଷ କରି ଗଢ଼ିବା ସମସ୍ତଙ୍କ ନୈତିକ ଦାୟିତ୍ୱ’



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ବନ୍ତ,୧୪।୧୧(ସ୍ୱ.ପ୍ର.)**

ଶିଶୁମାନଙ୍କୁ ଶିକ୍ଷା ସଂସ୍କାର ଦେଇ ସମାଜରେ ଜଣେ ଭଲ ମଣିଷ ଭାବେ ଗଢ଼ିତୋଳିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। କେବଳ ଶିକ୍ଷୟିତ୍ରୀ ଶିକ୍ଷକ ନୁହନ୍ତି, ମାତାପିତା ଓ ଆତ୍ମୀୟମାନେ ଯତ୍ନବାନ ହେଲେ ଏହା ସମ୍ଭବ ହୋଇପାରିବ ବୋଲି ବନ୍ତ ବ୍ଲକ ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୁରୁବାର ଶିଶୁ ଦିବସ ଅବସରରେ ବିଦ୍ୟାଳୟ କମିଟି ସଭାପତି ଜଗନ୍ନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସାହିତ୍ୟିକ ହରିହର ପାଣିଗ୍ରାହୀ, ମୁଖ୍ୟବକ୍ତା ଅଧ୍ୟାପକ ଶିବଚରଣ ଖାମୁରାଇ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଂଘର ଜିଲା ସଭାପତି ଭାସ୍କର ଚନ୍ଦ୍ର ପାଢୀ, ବେସରକାରୀ ଶିକ୍ଷକ ସଂଘ ସଭାପତି ଅଶୋକ ମହାନ୍ତି, ସିଆର୍‌ସିସି ଅଭୟ କୁମାର ପ୍ରଧାନ, ଆରଡେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ମିଶ୍ର, ବନ୍ତ ମଧ୍ୟ ଇଂରାଜି ସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ଯେନା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟକ୍ଷ ହରିହର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଅପର୍ତ୍ତି ଚରଣ ଜେନା ବାର୍ଷିକ ବିବରଣୀ ପାଠ ଓ ଦାଶରଥି ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପୂର୍ବରୁ ସମ୍ପନ୍ନ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଦିବସବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାବିତ୍ କାଳନ୍ଦୀ ଚରଣ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ଜେନା, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କବିତା ବାରିକ, ସୁବାସିନୀ ସେଠୀ, ପୁଷ୍ପାରାଣୀ ସାହୁ, ମୋନାଲିସା ନାୟକ, ଚଗିଲି ବେହେରା, ରଶ୍ମିତା ରଥ, ଶ୍ରୀଧର ସେଠୀ, କାଶୀନାଥ ଆଇଚ, ଅପର୍ତ୍ତି ଯେନା, ଦିଲୀପ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ନାଟିକା ମାଧ୍ୟମରେ ସଚେତନତା ବାର୍ତ୍ତା

**ଆରଡ଼ି, ୧୪।୧୧(ଡି.ଏନ.ଏ.)**

ଶିଶୁ ଦିବସ ପାଳନ ଅବସରରେ ଗୁରୁବାର ଧାମନଗର ବ୍ଲକର ରଇପୁର ପଞ୍ଚାୟତ ବାଙ୍କସାହିଠାରେ ପୃଥକ୍ ପୃଥକ୍ ଭାବେ ଶିଶୁ ମହୋତ୍ସବ ଓ ଶିଶୁ ମହକ ମେଳା ଅନୁଷ୍ଠିତ ହୋଇଯାଇଛି। ଜୟ ବଜରଙ୍ଗବାଲି କୋଚିଂ ସେଣ୍ଟର ଆନୁକୂଲ୍ୟରେ ଅନୁଷ୍ଠିତ ଶିଶୁ ମହୋତ୍ସବରେ ଛାତ୍ରୀଛାତ୍ରଙ୍କ ସୃଜନ ଶକ୍ତିର ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବକ୍ତୃତା, ସଂଗୀତ, ପୁଚିଖେଳ, ନୃତ୍ୟ, ସାଧାରଣ ଜ୍ଞାନ, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅନୁଷ୍ଠାନର ମୁଖ୍ୟ ଭାଗୀରଥି ସାହୁ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ସେହିପରି ଗୋପବନ୍ଧୁ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ବାଙ୍କସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶିଶୁ ମହକ ମେଳାରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଭୟ ଅନୁଷ୍ଠାନରେ ଛାତ୍ରୀଛାତ୍ର ନାଟିକା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉଭୟ ଅନୁଷ୍ଠାନରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ବିଜୟ ପ୍ରଧାନ, ବସନ୍ତ ରାଉତ, ପ୍ରମୋଦ ପଣ୍ଡା, ସଂଗ୍ରାମ ଭାରତୀ, ନିର୍ମଳ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ଅଭିନୟ ଦ୍ୱାରା ଛାତ୍ରମାନେ ଦେଶ ସେବା କରିବାକୁ ସଂକଳ୍ପ ନେଉଛନ୍ତି।

## ବ୍ଲକସ୍ତରୀୟ ସାଥ୍-ଇ ସମୀକ୍ଷା ବୈଠକ

**ଭଣ୍ଡାରିପୋଖରୀ, ୧୪।୧୧(ଡି.ଏନ୍.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ସାଥ୍-ଇ ସମୀକ୍ଷା ବୈଠକ ବିଇଓ ଦୀପକ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥର ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ଗରିମା ଆକଳନ ସ୍ପ୍ରିଣ୍ଟ-୨, ବ୍ଲକ ର୍ୟାଙ୍କ, ଗୋଷ୍ଠୀ ସହାୟତା ଏବଂ ଶୈକ୍ଷିକ ଓ ସହଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଭଦ୍ରକ ଜିଲା ସାଥ୍-ଇ ସଦସ୍ୟ ଅଜିତ ମହାନ୍ତି, ଏବିଇଓ ଅଭିମନ୍ୟୁ ପ୍ରଧାନ, ପୁରୁଷୋତ୍ତମ ଧଳ, ପ୍ରଧାନଶିକ୍ଷକ ରମାକାନ୍ତ ଲେଙ୍କା, ଏମ୍‌ଆଇଏସ୍ ବ୍ଲକ ସଂଯୋଜକ ଆଲୋକ ବିଶ୍ୱାଳ ଓ ସିଆର୍‌ସିସିମାନେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଡିସେମ୍ବର ପ୍ରଥମ ସପ୍ତାହରେ ହେବାକୁ ଥିବା ସିଲ୍‌ଭର ଆକଳନ ପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା।

## ସମବାୟ ସପ୍ତାହ ପାଳିତ

**ବନ୍ତ,୧୪।୧୧(ଡି.ଏନ.ଏ.)**

ବନ୍ତସ୍ଥିତ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରେ ଗୁରୁବାର ୬୬ତମ ସମବାୟ ସପ୍ତାହ ପାଳନ କରାଯାଇଛି। ଶାଖା ପରିଚାଳକ ରାମନାରାୟଣ ମହାନ୍ତି ସମବାୟ ପତାକା ଉତ୍ତୋଳନ କରିବା ସହ ଚାଷୀମାନଙ୍କୁ ସମବାୟମୁଖୀ କରିବା ନେଇ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ। ଚାଇଁପୁର ସେବା ସମବାୟ ସମିତି ସଭାପତି ସୂର୍ଯ୍ୟନାରାୟଣ ଜେନା, ସମ୍ପାଦକ କାମିନୀକାନ୍ତ ପଣ୍ଡା, ଟିଲୋ ସେବା ସମବାୟ ସମିତି ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ଅନିଲ କୁମାର ସାହୁ, କିଶୋର କୁମାର ପାଣିଗ୍ରାହୀ, ମହେଶ୍ୱର ଦଳେଇ, ଉର୍ମିଳା ଜେନା, ସତ୍ୟନାରାୟଣ ପାଣି, ସୁଶୀଲ କୁମାର ଦାଶ, ଅଖିଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଉଦଳାରେ ଏଡିଜେ କୋର୍ଟ ସ୍ଥାପନ ନିଷ୍ପତ୍ତିକୁ ସ୍ୱାଗତ

**ଉଦଳା,୧୪।୧୧(ଡି.ଏନ୍.ଏ.):** ହାଇକୋର୍ଟଙ୍କ ସୁପାରିସ୍‌କ୍ରମେ ହାଇଲେଭଲ କମିଟି ଦ୍ୱାରା ଉଦଳା ସମେତ ୬ଟି ସ୍ଥାନରେ ନୂତନ ଏଡିଜେ କୋର୍ଟ ସ୍ଥାପନ ନେଇ ନିଷ୍ପତ୍ତି ହୋଇଛି। ଉଦଳାରେ କାର୍ଯ୍ୟରତ ଆଇନଜୀବୀମାନେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏଠାରେ ସ୍ଥାୟୀ ଏଡିଜେ କୋର୍ଟ ସ୍ଥାପନ ନେଇ ପୂର୍ବରୁ ଓକିଲ ସଂଘ ବାରମ୍ବାର ଦାବି ଉପସ୍ଥାପନ କରିଆସୁଥିଲା। ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ଗୋଲକ ବିହାରୀ ନାଏକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜବାହର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଚିତ୍ରଡା,୧୪।୧୧(ଡି.ଏନ୍.ଏ.):** ମୋରଡ଼ା ବ୍ଲକ ଅନ୍ତର୍ଗତ ଚିତ୍ରଡା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ମୟୂରଭଞ୍ଜ ଏମପି ଇଂ. ବିଶେଶ୍ୱର ଟୁଡୁ, ସମ୍ମାନନୀୟ ଅତିଥି ଭାବେ ଚିତ୍ରଡା ମହାବିଦ୍ୟାଳୟର ଅଧକ୍ଷ ପ୍ରସନ୍ନ କୁମାର ଜେନା, ବିଦ୍ୟାଳୟ ଉନ୍ନୟନ ଓ ପରିଚାଳନା କମିଟିର ଚେୟାରପର୍ସନ ପ୍ରଦୀପ ମହାନ୍ତ, ଚିତ୍ରଡା ରେଜିଓନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଡ଼ାଇରେକ୍ଟର କୋମଳେନ୍ଦୁ ଲାଲ ମହାନ୍ତ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ମହାନ୍ତ ଏବଂ ପୂର୍ବତନ ବାରିପଦା ବିଧାୟକ କିଶୋର ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରମୋଦ କୁମାର ଶତପଥୀ ଯୋଗ ଦେଇଥିଲେ। ଶିକ୍ଷକ ବିଜୟ କୁମାର ପାଣିଗ୍ରାହୀ, ଅରୁଣ କୁମାର ବେହେରା, ଭାସତୀ ସିଠ, ଜିନା ଖାତୁନ, ରମାକାନ୍ତ ବେହେରା, ହରିନାରାୟଣ ମହାନ୍ତ, ପରିଚାଳନା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦରମା ପ୍ରଦାନ ପରେ ସଫେଇ କାର୍ଯ୍ୟ ସ୍ୱାଭାବିକ

**ବାରିପଦା ଅଫିସ,୧୪।୧୧**

**ବାରିପଦା ପୌର ପରିଷଦ**

ବାରିପଦା ପୌର ପରିଷଦର ସଫେଇ କାର୍ଯ୍ୟରେ ନିୟୋଜିତ ସଫେଇ କର୍ମଚାରୀମାନେ ଦରମା ପ୍ରଦାନ ଦାବିରେ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ପ୍ରତିଶ୍ରୁତି ମୁତାବକ ସଫେଇ ସଂସ୍ଥା ଗୁରୁବାର ସକାଳ ସୁଦ୍ଧା ସେମାନଙ୍କୁ ଦରମା ପ୍ରଦାନ କରିବା ପରେ ସହରରେ ସଫେଇ କାର୍ଯ୍ୟ ସ୍ୱାଭାବିକ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଏକ ଘରୋଇ ସଂସ୍ଥାକୁ ପୌର କର୍ତ୍ତୃପକ୍ଷ ବାରିପଦା ସହରର ସଫେଇ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ସଂସ୍ଥା ମାସର ପ୍ରଥମ ସପ୍ତାହରେ ସଫେଇ କର୍ମଚାରୀଙ୍କ ଦରମା ପ୍ରଦାନ କରିବା କଥା। ହେଲେ ସଂସ୍ଥା ଦୀର୍ଘ ଦିନ ହେବ ଦରମା ପ୍ରଦାନ କରି ନ ଥିବାରୁ ମଙ୍ଗଳବାର ସକାଳଠାରୁ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ପୌର କାର୍ଯ୍ୟାଳୟ ଆଗରେ ସେମାନେ ଧାରଣାରେ ବସିବା ସହ ପୌର କର୍ମଚାରୀଙ୍କୁ ଅଟକ ରଖିଥିଲେ। ସେହିପରି ବୁଧବାର ସକାଳେ ପୌର କାର୍ଯ୍ୟାଳୟ ଭିତରେ ଅଳିଆ ଫିଙ୍ଗି ଅଭିନବ ଉପାୟରେ ପ୍ରତିବାଦ କରିଥିଲେ। ଫଳରେ ସହରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମା ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ପରେ ବାଧ୍ୟ ହୋଇ ପୌର ଅଧିକାରୀ ଓ ସଫେଇ ସଂସ୍ଥାର କର୍ମଚାରୀ ସେମାନଙ୍କୁ ଗୁରୁବାର ସକାଳ ସୁଦ୍ଧା ଦରମା ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି।

## ପଡ଼ୋଶୀଙ୍କ ଆକ୍ରମଣରେ ମହିଳା ଆହତ

**ବୈଶିଙ୍ଗା,୧୪।୧୧**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଦୁର୍ଗାପୁର ଗ୍ରାମରେ ବୁଧବାର ପଡ଼ୋଶୀଙ୍କ ଆକ୍ରମଣରେ ଜଣେ ମହିଳା ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୫୧/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ପୂର୍ବ ବିବାଦକୁ କେନ୍ଦ୍ରକରି ସୁନାରାମ ସିଂଙ୍କ ସ୍ତ୍ରୀ ସଞ୍ଜୁଲତାଙ୍କୁ ପଡ଼ୋଶୀ ବାଇଧର ସିଂ, ତାଙ୍କ ସ୍ତ୍ରୀ ଓ ପୁଅ ଆକ୍ରମଣ କରିଥିଲେ।

## ଖିରିପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**କୁଆମରା,୧୪।୧୧(ଡି.ଏନ୍.ଏ.)**

ଶିଶୁଦିବସ ଅବସରରେ ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତର ଖିରିପଦା ୟୁପି ୟୁଜି ସ୍କୁଲର ବାର୍ଷିକ ଉତ୍ସବ ଓ ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଗୌରମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ଦାଶ, କୁଆମରା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁକାନ୍ତ କୁମାର ପଟ୍ଟନାୟକ, ସିଆରସିସି ଆଶିଷ କୁମାର ସାହୁ, ଶିକ୍ଷକ ଗୋପୀନାଥ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୋଦ କୁମାର ସାହୁ ଓ ଅଧ୍ୟାପକ ଲିଙ୍ଗରାଜ ନାୟକ ଯୋଗଦେଇ ଭଲ ମଣିଷ ହେବା ପାଇଁ ସ୍ୱପ୍ନ ଦେଖିବା ଆବଶ୍ୟକ, ଏଥିପାଇଁ ଅଧ୍ୟବସାୟ ଜାରି ରଖିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମୋଟ ୭୦ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ନାୟକ ଅତିଥି ପରିଚୟ ଓ ବୀଣାପାଣି ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଶୁ ଦିବସରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

# ପୋଲିସକୁ ନ ଡରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

**ବାରିପଦା ଅଫିସ,୧୪।୧୧**

ମୟୂରଭଞ୍ଜ ଜିଲା ପୋଲିସ ମୁଖ୍ୟାଳୟରେ ଉଚ୍ଚ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନତା ସମ୍ପର୍କିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପରମାର ସ୍ମିଥ୍ ପୁରୁଷୋତ୍ତମ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପୋଲିସକୁ ଭୟ ନ କରି ସହଯୋଗ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏମ୍‌କେସି ହାଇସ୍କୁଲର କୃତୀ ଶିକ୍ଷକ ଡ. ଶଶୀଧର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଏସ୍‌ପି ଅଭିମନ୍ୟୁ ନାୟକ, ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଏଥିରେ ସହଯୋଗ କରିଥିଲେ। ବିଚାରକ ଭାବେ ଡିଏସ୍‌ପି ସବିତା ମାଝି ଓ ଇନ୍ସପେକ୍ଟର ପ୍ରେମଦା ନାୟକ ଓ ବନାନୀ ବେହେରା ଉପସ୍ଥିତ ଥିଲେ।




ମୟୂରଭଞ୍ଜ ଜିଲା ପୋଲିସ ମୁଖ୍ୟାଳୟରେ ଶିଶୁ ଦିବସରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଏସ୍‌ପିଙ୍କ ସହ କୃତୀ ପ୍ରତିଯୋଗୀ।

### ଶିମିଳିପାଳରେ ରୋପ୍‌ୱେ ନିର୍ମାଣ ପ୍ରସ୍ତାବ

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସରୋଜିନୀ

**ବାରିପଦା ଅଫିସ,୧୪।୧୧**

ମୟୂରଭଞ୍ଜ ଜିଲାର ଶିମିଳିପାଳ ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବ। ବିଭିନ୍ନ ଦୃଷ୍ଟିକୋଣରୁ ଏହା ବେଶ୍ ପରିଚିତ। ଶୀତଦିନରେ ଦେଶ ବିଦେଶରୁ ପର୍ଯ୍ୟଟକମାନେ ଏଠାକୁ ବୁଲି ଆସିବା ଏବଂ ରାତ୍ରିଯାପନ କରିବା ପାଇଁ ଭଲ ପାଆନ୍ତି। ଏଠାରେ ପର୍ଯ୍ୟଟନର ବିକାଶ ନିମନ୍ତେ ଭିତ୍ତିଭୂମି ଉନ୍ନତିର ଆବଶ୍ୟକତା ରହିଛି। ସବୁଦିନିଆ ରାସ୍ତା ନିର୍ମାଣ ସମ୍ଭବପର ହୋଇପାରୁ ନ ଥିବାରୁ ଏହା ମଧ୍ୟରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ରୋପ୍‌ୱେ ଦ୍ୱାରା ସଂଯୋଗ କରାଯାଇ ପାରିବ ବୋଲି ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ୍ ମତ ପ୍ରକାଶ କରିଛନ୍ତି। ଏହି ଅଭୟାରଣ୍ୟକୁ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଁ ରୋପ୍‌ୱେ ନିର୍ମାଣ କରାଯିବା ଏକାନ୍ତ ଜରୁରୀ ବୋଲି ହେମ୍ବ୍ରମ୍ କହିଛନ୍ତି। ଏହାର ସର୍ଭେ ଏବଂ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ନିମନ୍ତେ ସେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ।

ରୋପ୍‌ୱେ ନିର୍ମାଣ କରାଯିବା ଦ୍ୱାରା ବନ୍ୟଜନ୍ତୁମାନେ ପ୍ରଭାବିତ ହେବେ ନାହିଁ ଏବଂ ସବୁ ଋତୁରେ ପର୍ଯ୍ୟଟକମାନେ ଏଠାକୁ ବୁଲିବାକୁ ଆସିପାରିବେ। ଏହା ଦ୍ୱାରା ଆଦିବାସୀବହୁଳ ମୟୂରଭଞ୍ଜ ଜିଲାରେ ଯୁବକମାନଙ୍କ ପାଇଁ ରୋଜଗାରର ନୂଆ ଉପାୟ ବାହାରିପାରିବ। ଜିଲାରେ ହୋଟେଲ ଶିଳ୍ପର ବିକାଶ ମଧ୍ୟ ହୋଇପାରିବ। ରୋପ୍‌ୱେ ନିର୍ମାଣ ଦ୍ୱାରା ଏହା ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ରାଜ୍ୟ ସଭା ସଦସ୍ୟା କହିଛନ୍ତି। ହେମ୍ବ୍ରମ୍‌ଙ୍କ ଏହି ପ୍ରସ୍ତାବକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ବିଶିଷ୍ଟ ପରିବେଶବିତ୍ ସନ୍ତୋଷ ମହାନ୍ତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ୍ ସଦସ୍ୟ ପ୍ରଦୀପ ନାୟକ, ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ, ପୂର୍ବତନ ଜିଲା ପରିଷଦ ସଭାପତି କମଳା ତିରିଆ ପ୍ରକୃତିପ୍ରେମୀ ଶିମିଳିପାଳ ମଧ୍ୟରେ ରୋପ୍‌ୱେ ନିର୍ମାଣ ହେବା ଦ୍ୱାରା ଅବାଧ ପଶୁ ଶିକାର, ଗଛକଟା ଓ କାଠଚୋରିକୁ ରୋକାଯାଇ ପାରିବ ବୋଲି ମଧ୍ୟ ମତ ପ୍ରକାଶ କରିଛନ୍ତି। ତେଣୁ ରାଜ୍ୟ ଏବଂ କେନ୍ଦ୍ର ସରକାର ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।



ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ।

## ‘ବିକାଶ ପାଇଁ ସମୂହ ସହଯୋଗ ଆବଶ୍ୟକ’

**ବଡ଼ସାହି,୧୪।୧୧(ସ୍ୱ.ପ୍ର)**

**ମାଣତ୍ରୀ ବୋଇତ ବନ୍ଦାଣ ମହୋତ୍ସବର ୨ୟ ସନ୍ଧ୍ୟା**

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମାଣତ୍ରୀଠାରେ ବାବା କଖାରୁଆ ବୈଦ୍ୟନାଥ ଯୁବକ ସଂଘ ଆନୁକୂଲ୍ୟରେ ୩ଦିନିଆ ୯ମ ବାର୍ଷିକ ଜିଲାସ୍ତରୀୟ ବୋଇତ ବନ୍ଦାଣ ମହୋତ୍ସବର ୨ୟ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳର ବିକାଶ ପାଇଁ ସମୂହ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ୍ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି । ଅତୀତର ସାଧବ ପୁଅ ଏକାକୀ ବଣିଜ କରିବାକୁ ନ ଯାଇ ସମୂହ ଭାବେ ଯାଇ ସଫଳତା ପାଉଥିଲେ। ସେହିଭଳି ନିର୍ବାଚିତ ପ୍ରତିନିଧି ବା ସରକାରଙ୍କୁ ସମସ୍ତେ ସହଯୋଗ କରିଲେ ବିକାଶ ଶୀର୍ଷରେ ପହଞ୍ଚିବ ବୋଲି ସେ କହିଥିଲେ। ଭଞ୍ଜପୁରର ଜଗଦ୍ଧାତ୍ରୀ ମେଳା ଓ ମାଣତ୍ରୀର ବୋଇତ ବନ୍ଦାଣ ମହୋତ୍ସବ ପରି ଅନେକ ଉଚ୍ଚକୋଟୀର ମହୋତ୍ସବକୁ ସରକାରୀ ମାନ୍ୟତା ଦେବାକୁ ସେ ଦାବି ଉପସ୍ଥାପନ କରିବେ ବୋଲି କହିଥିଲେ। ସଂଘର ସଭାପତି ଜ୍ୟୋତିପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ବଡ଼ସାହିର ଭାରପ୍ରାପ୍ତ ବିଡିଓ ବସନ୍ତ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ଉପସଭାପତି ଲଲାଟେନ୍ଦୁ ବେହେରା, ଯୋଗ ଶିକ୍ଷୟିତ୍ରୀ ବେବି ନାନି ଓ ସରପଞ୍ଚ ମହାଦେବ ସିଂ ଯୋଗଦେଇଥିଲେ। ସଦସ୍ୟ କିରଣ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଆଞ୍ଚଳିକ ପ୍ରତିଯୋଗୀଙ୍କ ଦ୍ୱାରା ଚିତ୍ରାଙ୍କନ, ପ୍ରବନ୍ଧ, ତର୍କ ତଥା ଏକକ ନୃତ୍ୟ ପ୍ରତିଯୋଗିତା ସାଙ୍ଗକୁ ରାଜ୍ୟର ଖ୍ୟାତନାମା ବଲାଙ୍ଗୀର ଜିଲାର ସମ୍ବଲପୁରୀ ଢୋଲ୍‌କି ବାଦ୍ୟ ଓ ନୃତ୍ୟ ଦଳ ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଜନସୁବିଧା ଓ ବିପଣୀ ଗୃହ ଘଟଗାଁ ବିଡିଓଙ୍କୁ ହସ୍ତାନ୍ତର

ଢେଙ୍କିକୋଟ,୧୪।୧୧(ଡି.ଏନ୍.ଏ.)- କେନ୍ଦୁଝର ଜିଲା ପୌରାଣିକ ପର୍ଯ୍ୟଟନସ୍ଥଳୀ ସୀତାବିଞ୍ଜିଠାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ଜିଲା ପର୍ଯ୍ୟଟନ ବିଭାଗ ତରଫରୁ ନବନିର୍ମିତ ଜନସୁବିଧା ଗୃହ ଏବଂ ୨ଟି ବିପଣୀ ଗୃହକୁ ଗୁରୁବାର ଶିଶୁ ଦିବସ ଅବସରରେ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ, କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କ ବିଧିବଦ୍ଧ ନିୟମାନୁସାରେ ଚିଠି ପାଇ ଘଟଗାଁ ବିଡିଓ ତ୍ରିଲୋଚନ ମହାନ୍ତିଙ୍କୁ ହସ୍ତାନ୍ତର କରିଛନ୍ତି। ଘଟଗାଁ ପିଡବ୍ଲ୍ୟୁଡି ଏକ୍‌ଜୁକ୍ୟୁଟିଭ୍ ଇଞ୍ଜିନିୟରଙ୍କ ତତ୍ତ୍ୱାବଧାନରେ ନିର୍ମିତ ଏହି ଜନସୁବିଧା ଗୃହ ଓ ୨ଟି ବିପଣୀ ଗୃହ ପର୍ଯ୍ୟଟନସ୍ଥଳୀ ସୀତାବିଞ୍ଜରେ ପର୍ଯ୍ୟଟକଙ୍କ କାର୍ଯ୍ୟରେ ଆସିବ ଏବଂ ରାତ୍ରିଯାପନ କରିବା ସହ ସେଠାରେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ବିଶ୍ରାମ ମଧ ନେଇପାରିବେ। ସେଠାରେ ଶୌଚାଳୟ, ପାନୀୟଜଳ ସହ ବଶ୍ରାମ କକ୍ଷ ମଧ ରହିଛି। ୨ଟି ବିପଣୀ ଗୃହ, ପଞ୍ଚାୟତ ତଥା ବ୍ଲକ୍ ଅଧୀନ ହସ୍ତତନ୍ତ କୁଶଳୀ କାରିଗରମାନେ ନେଇପାରିବେ। ସେମାନେ ସ୍ୱହସ୍ତ କାରୁକାର୍ଯ୍ୟରେ ନିର୍ମିତ ବସ୍ତ୍ର ତଥା ଯେକୌଣସି ବସ୍ତୁକୁ ବିକ୍ରି କରିପାରିବେ। ଘଟଗାଁ ବ୍ଲକ୍ ମନୋହରପୁର ଗ୍ରାମପଞ୍ଚାୟତ ଅଧୀନ ଡାଙ୍ଗୁଆପଶି ଗ୍ରାମରେ ସୀତାବିଞ୍ଜି ପର୍ଯ୍ୟଟନସ୍ଥଳି ଥିବାରୁ ବିଡିଓ ତ୍ରିଲୋଚନ ମହାନ୍ତି ଏହି ଜନସୁବିଧାଗୃହ ଏବଂ ୨ଟି ବିପଣୀ ଗୃହକୁ ସରପଞ୍ଚଙ୍କୁ ହସ୍ତାନ୍ତର କରିବେ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। କହିଥିଲେ। ଏ ସମ୍ପର୍କରେ ବିଡିଓ ମହାନ୍ତିଙ୍କୁ ପଚାରିବାରୁ ଚିଠି ଦେଖିନି ଏବଂ ଏକ ଚିଠି କରି ପଞ୍ଚାୟତକୁ ହସ୍ତାନ୍ତର କରାଯିବ। ଯାହାକି ପଞ୍ଚାୟତ ଜନହିତ କାର୍ଯ୍ୟରେ ଲାଗିପାରିବ। ହସ୍ତାନ୍ତର ସମୟରେ ଘଟଗାଁ ବ୍ଲକ୍ ପଞ୍ଚାୟତ ଅଧିକାରୀ ଚିତ୍ତରଞ୍ଜନ ନାୟକ, ବ୍ଲକ୍ ଆସିଷ୍ଟାଣ୍ଟ ଇଞ୍ଜିନିୟର ଉପସ୍ଥିତ ଥିଲେ।

### ବରିଷ୍ଠ କ୍ରିକେଟ ଅମ୍ପାୟରଙ୍କୁ ସମ୍ବର୍ଦ୍ଧନା

ଘସିପୁରା,୧୪।୧୧(ଡି.ଏନ.ଏ.)- ଘସିପୁରାର ବରିଷ୍ଠ କ୍ରିକେଟ୍ ଅମ୍ପାୟର ବୁଲୁ ପଟ୍ଟନାୟକଙ୍କୁ କ୍ରିକେଟ ଅମ୍ପାୟରିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରଯାଇଛି। ଭୁବନେଶ୍ୱର ଠାରେ ଜୟଦେବ କ୍ରୀଡ଼ା ପରିଷଦ ଆନୁକୁଲ୍ୟରେ ଚାଲିଥିବା ମହମ୍ମଦ ଇମ୍ରାନ୍ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଉପଲକ୍ଷେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ସମ୍ପାଦକ ସୂର୍ଯ୍ୟକାନ୍ତ ପରିଜା, କ୍ରିକେଟ୍ କୋଚ୍ କିଶୋର ମାଣିଆ, କ୍ରୀଡ଼ାବିତ୍ ଅଶୋକ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇ ବୁଲୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

### ଚିତ୍ରାଙ୍କନ ପ୍ରତିଯୋଗିତା

ଢେଙ୍କିକୋଟ, ୧୪।୧୧ (ଡି.ଏନ୍.ଏ.)- ଗୁରୁବାର ଢେଙ୍କିକୋଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ ବିଦ୍ୟା ମନ୍ଦିର ବୌଦ୍ଧିକ ମଣ୍ଡପଠାରେ ଶିଶୁ ଦିବସ ଉତ୍ସବ ପାଳନ କରାଯାଇଛି। ଏଥିନିମନ୍ତେ ଆୟୋଜିତ ସଭାରେ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଲୋକନାଥ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ରାଜ୍ୟ ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ସାମଲ ଯୋଗ ଦେଇଥିଲେ। ଆଚାର୍ଯ୍ୟ ବୈଲୋଚନ ରାଇନି ସଭା ପରିଚାଳନା ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବିକା ଅଭିଭାବକ ତଥା ବିଦ୍ୟା ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟା ସଦସ୍ୟଙ୍କୁ ଆଜିର ଦିନକୁ ଶିଶୁ ଦିବସ ତାତ୍ପର୍ଯ୍ୟ ବିଷୟରେ ତାଙ୍କ ଅଭିଭାଷଣ ମାଧମରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ମଧରେ ପ୍ରତିଯୋଗିତାମୂଳକ ଅଭିଭାଷଣ ଚିତ୍ରାଙ୍କନ କରାଯାଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଗଲା।

### ବିଦ୍ୟାଳୟରେ ପାଳିତ ହେଲା ଶିଶୁ ଦିବସ

ପାଟଣା,୧୪।୧୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ ର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପାଟଣା ମୁଖ୍ୟାଳୟ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗୋପୀନାଥ ନାରାୟଣ ସରକାରୀଉଚ୍ଚବିଦ୍ୟାଳୟ,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସ୍ୱାମପାଟଣା, ଜାଭିୟର ସ୍କୁଲ, ପାଟଣା, ଜାମୁପଶି ପ୍ରାଥମିକ ବିଦ୍ୟାଳୟ ଓ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଦି ବିଦ୍ୟାଳୟରେ ଶିଶୁ ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଯାଇଛି।

■ଜମି ବିବାଦ କାଳ ହେଲା

# ବୃଦ୍ଧ ଦମ୍ପତିଙ୍କୁ ହତ୍ୟା


ଘଟଣା ସ୍ଥଳରେ ପୋଲିସ ତଦନ୍ତ ଚଳାଇଛି।

ଝୁମ୍ପୁରା,୧୪।୧୧ (ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅନ୍ତର୍ଗତ କାଶିଆ ଗ୍ରାମ ଜଙ୍ଗଲ ପାର୍ଶ୍ୱରୁ ଝୁମ୍ପୁରା ଥାନା ପୋଲିସ ଏକ ବୃଦ୍ଧ ଦମ୍ପତିଙ୍କ ମୃତଦେହକୁ ଗୁରୁବାର ମାଟିତଳୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ହେଲେ ପାଟବିଲା ଗ୍ରାମର ବୁଦ୍ଧଦେବ ମହାକୁଡ (୬୦) ଏବଂ ତାଙ୍କ ସ୍ତ୍ରୀ ମାଳତୀ ମହାକୁଡ (୫୫)। ଏହି ଦମ୍ପତିଙ୍କ ହତ୍ୟା କରି ପ୍ରମାଣ ନଷ୍ଟ ପାଇଁ ପୋତି ଦିଆଯାଇଥିବା ତାଙ୍କ ପୁଅ କାର୍ତ୍ତିକ ମହାକୁଡ ଅଭିଯୋଗ କରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଚମ୍ପୁଆ ଏସ୍‌ଡିପିଓ ହରିହର ପାଣି ଓ ସ୍ଥାନୀୟ ପୋଲିସ ଜମିଜମା ବିବାଦକୁ ନେଇ ଏହି ଦମ୍ପତିଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ,

**ପୋତା ଯାଇଥିବା ମୃତଦେହକୁ ଉଦ୍ଧାର କଲା ପୋଲିସ**

ପାଟବିଲା ଗ୍ରାମ ପାଖ କାଶିଆ ଜଙ୍ଗଲ ପାର୍ଶ୍ୱରେ ପ୍ରତି ଶୁକ୍ରବାର ସାପ୍ତାହିକ ହାଟ ବସିଥାଏ। ବୁଦ୍ଧଦେବ ଓ ମାଳତୀ ଗତ ୮ ତାରିଖ ଦିନ ସାପ୍ତାହିକ ହାଟକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବନ୍ଧୁ ବାନ୍ଧବଙ୍କ ସହିତ ଏ ନେଇ ଯୋଗାଯୋଗ କରିଥିଲେ । ବିଭିନ୍ନ ସ୍ଥାନରେ ଏହି ଦମ୍ପତିଙ୍କୁ ଖୋଜା ଖୋଜି କରାଯାଇଥିଲା । ହେଲେ ସେମାନଙ୍କ କୌଣସି ପତ୍ତା ମିଳି ନ ଥିଲା । ଗତ ୧୩ ତାରିଖ ସନ୍ଧ୍ୟାରେ କାଶିପାଳ ଜଙ୍ଗଲ ପାର୍ଶ୍ୱରେ ବନ ବିଭାଗ ପକ୍ଷରୁ ଲଗାଯାଇଥିବା ଗଛଗୁଡିକ ନିମନ୍ତେ ଜଳ ସଂରକ୍ଷଣ ପାଇଁ ଅନେକ ଟ୍ରେଞ୍ଚ ଖୋଳାଯାଇଥିଲା । ସେହି ଟ୍ରେଞ୍ଚରେ ୨ଟି ମୃତଦେହ ପୋତା ଯାଇଥିବା ସ୍ଥାନୀୟ ଛେଳି ଚରାଳିମାନେ ଦେଖି ଗାଁରେ ଖବର ଦେଇଥିଲେ। ଅଳ୍ପ ଗାଢ ବିଶିଷ୍ଟ ୨ ଟ୍ରେଞ୍ଚରେ ମୃତଦେହ ରଖି କେବଳ ମାଟି ଘୋଡାଇ ଦିଆଯାଇଥିଲା । ସେଥିପାଇଁ ମୃତଦେହ ପଚି ଦୁର୍ଗନ୍ଧ ବାହାରୁଥିଲା। ଦମ୍ପତିଙ୍କ ପୁଅ କାର୍ତ୍ତିକ ଘଟଣାସ୍ଥଳରେ ପହଞ୍ଚି ମା' ବାପାଙ୍କ ଚପଲ ଓ ଲୁଗାପଟା ଦେଖି ଝୁମ୍ପୁରା ପୋଲିସକୁ ଖବର ଦେଇ ଥିଲେ। ଝୁମ୍ପୁରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହିତ ସାଇଣ୍ଟିଫିକ ଟିମକୁ ଖବର ଦେଇଥିଲା। ମଧ୍ୟାହ୍ନରେ ଚମ୍ପୁଆ ଏସ୍‌ଡିପିଓ ହରିହର ପାଣି, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଝୁମ୍ପୁରା ତହସିଲଦାର ଜନକ ନାୟକ, ସାଇଣ୍ଟିଫିକ ଟିମଙ୍କ ଉପସ୍ଥିତରେ ପୋତା ଯାଇଥିବା ଦମ୍ପତିଙ୍କ ମୃତଦେହକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଓଲଟିଲା ଟ୍ରକ୍, ହେଲ୍‌ପର ମୃତ

ଯୋଡ଼ା, ୧୪।୧୧(ଡି.ଏନ.ଏ.) କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ ନଂ ୨ ର ଡିବିସିଂ ଛକ ନିକଟସ୍ଥ ରାସ୍ତାରେ ଏକ ୧୨ ଚକିଆ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଟ୍ରକ ତଳେ ଚାପି ହୋଇ ହେଲପର ବିକୁ ନାଏକ (୧୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ଡ୍ରାଇଭର ଧରଣୀଧର ନାଏକ ଆହତ ହୋଇଛନ୍ତି। ଆହତଙ୍କୁ ହସ୍ପିଟାଲରେ ଚିକିତ୍ସା ଲାଗି ପଠାଯାଇଛି। ଗୁରୁବାର ଅପରାହ୍ନରେ ଏକ ୧୨ ଚକିଆ ଟ୍ରକ ରଣଶାଳ ଘାଟିଆଡୁ ଯୋଡା ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ଉକ୍ତ ଛକ ନିକଟରେ ରାସ୍ତାର ପ୍ରାୟ ୧୦ ଫୁଟ୍ ତଳକୁ ଖସି ପଡିଥିଲା। ଖବରପାଇ ଯୋଡା ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଓଲଟି ପଡିଥିବା ଟ୍ରକକୁ କ୍ରେନ ସାହାଯ୍ୟରେ ଉଠାଇ ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲେ। ପୋଲିସ ଏହାର ତଦନ୍ତ ଜାରି ରଖିଛି । ମୃତ ହେଲପର ଏବଂ ଡ୍ରାଇଭର ଧରଣୀଧରଙ୍କ ଘର ମୟୂରଭଞ୍ଜ ଜିଲା କେରେକେରା ଅଞ୍ଚଳରେ ବୋଲି ଜଣାପଡିଛି।


ଓଲଟି ପଡିଥିବା ଟ୍ରକ।

### ଓଲଟିଲା ବିଲାତି ବୋଝେଇ ଟ୍ରକ୍

ପାଟଣା,୧୪।୧୧(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଡୁମୁରିଗୁଡ଼ା ନିକଟରେ ଗୁରୁବାର ଭୋରରୁ ଏକ ବିଲାତି ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଛି। ଉକ୍ତ ଟ୍ରକଟି କେନ୍ଦୁଝର ପାର୍ଶ୍ୱରୁ କଲିକତା ଅଭିମୁଖେ ବିଲାତି ନେଇ ଯାଉଥିବା ବେଳେ ଡୁମୁରିଗୁଡା ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ଗାଡିର ଚାଳକ ଗୁରୁତର ହୋଇଛନ୍ତି।

## ସମବାୟ ସପ୍ତାହ ପାଳନରେ ଗଣଦୌଡ଼


ଗଣଦୌଡରେ ବାହାରିଥିବା ବିଭିନ୍ନ କଲେଜର ଛାତ୍ରୀଛାତ୍ର ।

କେନ୍ଦୁଝର, ୧୪।୧୧ (ଡି.ଏନ୍.ଏ./ସ୍ୱ.ପ୍ର.)-

କେନ୍ଦୁଝର ଜିଲା ସଦର ମହକୁମାରେ ୬୬ତମ ନିଖିଳ ସମବାୟ ସପ୍ତାହର ଉଦ୍‌ଘାଟନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝରର ରାଷ୍ଟ୍ରଦେବତା ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରୁ ଏକ ଗଣଦୌଡ ଆରମ୍ଭ ହୋଇଥିଲା। ଏହି ଗଣଦୌଡ କେନ୍ଦୁଝର ସମବାୟ ବ୍ୟାଙ୍କ ନିକଟରେ ପହଞ୍ଚିବା ପରେ ସମବାୟ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଗଣଦୌଡକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ.ଉଦ୍ଧବ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି ବ୍ୟାଙ୍କ ପରିସରରେ ସମବାୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଡିଆର୍‌ସିଏସ୍ ପ୍ରମୋଦ କୁମାର ବରିହା, କେସିସି ବ୍ୟାଙ୍କର ସଂପାଦକ ନାରାୟଣ ମଢେଇ, ନିୟନ୍ତ୍ରିତ ବଜାର କମିଟିର ସଂପାଦକ ଅଜୟ କୁମାର ସେଠୀ, ଜିଲା ସମବାୟ ୟୁନିୟନର ସଭାପତି ଧୀରେନ୍ଦ୍ର ରାଉତ, ସଂପାଦକ ଆଶିଷ ପ୍ରିୟଦର୍ଶୀ, ଉପଦେଷ୍ଟା ଅଟଳ ବିହାରୀ ଶତପଥିଙ୍କ ସମେତ ବ୍ୟାଙ୍କର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଗଣଦୌଡରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, କ୍ରୀଡ଼ାବିତ, ସମବାୟବିତ ଓ ଜନସାଧାରଣ ସାମିଲ ହୋଇଥିଲେ।

**ପାଟଣା,(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ପାଟଣା ସମବାୟ ସମିତି ତରଫରୁ ୬୬ ତମ ସମବାୟ ସପ୍ତାହ ଉପଲକ୍ଷେ ଗୁରୁବାର ସକାଳୁ ସମବାୟ ସମିତିର କର୍ମକର୍ତ୍ତା, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ମଙ୍ଗଳପୁର ଛକ ଠାରୁ ଏକ ଗଣ ଦୌଡ ବାହାରି ପାଟଣା ବଜାର ପରିକ୍ରମା କରି ପାଟଣା ସମବାୟ ସମିତି କାର୍ଯ୍ୟାଳୟରେ ପହଞ୍ଚି ଥିଲା। ସମବାୟ ସମିତି କାର୍ଯ୍ୟାଳୟରେ ସମବାୟ ପତାକାକୁ ଆନୁଷ୍ଠାନିକ ଭାବେ ପାଟଣା ଏବିଡିଓ ପ୍ରଫୁଲ୍ଲକୁମାର ନାଏକ ଉତ୍ତୋଳନ କରିଥିଲେ। ଏହି ଗଣ ଦୌଡରେ କେନ୍ଦ୍ର ସମବାୟ ବ୍ୟାଙ୍କ ଘଟଗାଁ ପରିଚାଳକ ପ୍ରସନ୍ନ କୁମାର ମହାପାତ୍ର, ସାହାରପଡା ସମବାୟ ବ୍ୟାଙ୍କ ସୁପର ଭାଇଜର ଦୀନବନ୍ଧୁ ମିଶ୍ର, ଡାଇରେକ୍ଟର ଅଜିତ କୁମାର ସେଠୀ, ପାଟଣା ଲ୍ୟାମ୍ପସ ଏମଡି ବୀରେନ୍ଦ୍ର କୁମାର ଦାଶ, ସମବାୟ ବିତ ଅଜିତ କୁମାର ଦାଶ, ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ, ପ୍ରମୋଦ କୁମାର ମହାନ୍ତ ଓ ପାର୍ଥ ସାରଥୀ ବେଜ ପ୍ରମୁଖ ଏହି ଗଣ ଦୌଡରେ ସାମିଲ ହୋଇଥିଲେ।


ଅତିଥିଙ୍କ ସହ ବିଲେଇପଦା ପଞ୍ଚସଖା-୧୧ ଦଳର ଚାମ୍ପିୟନ୍ ଖେଳାଳିମାନେ ।

■ଆନ୍ତଃରାଜ୍ୟ ଫୁଟବଲ୍ ଟୁର୍ନାମେଣ୍ଟ

## ବିଲେଇପଦା ପଞ୍ଚସଖା-୧୧ ଚାମ୍ପିୟନ

ଯୋଡ଼ା, ୧୪।୧୧(ଡି.ଏନ.ଏ.)

ଚଳିତ ନଭେମ୍ବର ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଯୋଡା ବ୍ଲକର ବିଲେଇପଦା ପଞ୍ଚସଖା-୧୧ ଦଳର ଖେଳାଳିମାନେ ଚାମ୍ପିୟନ୍ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ମୟୂରଭଞ୍ଜ ଜିଲା କରଞ୍ଜିଆ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଆନ୍ତଃରାଜ୍ୟ ଫୁଟବଲ କ୍ରୀଡା ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ବିଲେଇପଦା ପଞ୍ଚସଖା-୧୧ ଓ ଝାଡଖଣ୍ଡର କୂଳପଶି ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ପଞ୍ଚସଖା-୧୧ ଦଳ ୨-୦ ଗୋଲରେ କୂଳପଶି ଦଳକୁ ପରାଜିତ କରି ଚାମ୍ପିୟନ ହୋଇଥିଲା । ବିଲେଇପଦା ଟାଟାଷ୍ଟିଲ ଲଙ୍ଗ ପ୍ରଡକ୍ଟସ୍ ପକ୍ଷରୁ ପଞ୍ଚସଖା-୧୧ ଦଳରେ ଯୋଡା ବ୍ଲକର ବିରିକଳା, କଣ୍ଡରା, ଦେଓଝର, ଅଁସେଇକଳା ଓ ଚମକପୁର ପଞ୍ଚାୟତର ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ଚୟନ କରି ଏହି ପ୍ରତିଯୋଗିତାରେ ଚାମ୍ପିୟନ କରାଇଥିବାରୁ ସ୍ଥାନୀୟ ଅଞ୍ଚଳରେ କମ୍ପାନୀର ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଇଛି। କମ୍ପାନୀ ପକ୍ଷରୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଯାଇଛି। କମ୍ପାନୀର କର୍ମଚାରୀ ସଂଘ ସଭାପତି ସଞ୍ଜୟ କୁମାର ମହାନ୍ତ ସିଏସଆର ବିଭାଗର ସମସ୍ତ କର୍ମଚାରୀମାନଙ୍କୁ ଏଭଳି ମହତ କାର୍ଯ୍ୟରେ ସହଯୋଗ ଲାଗି ପ୍ରଶଂସା କରିଥିଲେ।

### ପ୍ରତାରଣା କରି ଯୁବକ ଗିରଫ

ତେଲକୋଇ, ୧୪।୧୧(ଡି.ଏନ.ଏ.)- ତେଲକୋଇ ଥାନା ଅନ୍ତର୍ଗତ ଶିବନାରାୟଣପୁର ଅଞ୍ଚଳରେ ପ୍ରତାରଣାରେ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ଅନିଲ ମହାନ୍ତ(୨୭)। ଉକ୍ତ ଅଞ୍ଚଳର ଜଣେ ଯୁବତୀଙ୍କୁ ଅନୀଲ ପ୍ରତାରଣା କରି ଭଲପାଉଥିଲେ। ରାହାସ ଯାତ୍ରାରେ ବଳାତ୍କାର କରିଥିବା ସମ୍ପୃକ୍ତ ଯୁବତୀ ଥାନାରେ ଅଭିଯୋଗ କରିଥିଲେ। ଗତ ୧୩ତାରିଖରେ ଅଭିଯୋଗ କରିବା ପରେ ପୋଲିସ ଏନେଇ ଏକ ମାମଲା (ନଂ.୧୫୦/୧୯) ରୁଜୁ କରି ଯୁବକଙ୍କ ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପଦ୍ମାସିନୀ ମେହର ପ୍ରକାଶ କରିଛନ୍ତି ।

# 'ସମୟାନୁବର୍ତ୍ତୀ ହେଲେ ଅସାଧ ସାଧନ ହୋଇଥାଏ'

ହାଟଡିହୀ,୧୪।୧୧ (ଡି.ଏନ.ଏ./ସ୍ୱ.ପ୍ର.)

ଆଜିର ଶିଶୁ ଆଗାମୀ ଦିନର ସମାଜର ଭବିଷ୍ୟତ ଓ କର୍ଣ୍ଣଧାରକ। ଶିଶୁ ହସିଲେ ଦୁନିଆ ହସେ। ଠିକ୍ ସେମିତି ବୃକ୍ଷବିନା ବଞ୍ଚିବା ଅସମ୍ଭବ। ପ୍ରତ୍ୟେକ ବ୍ୟକ୍ତି ବୃକ୍ଷ ଲଗାଇବା ନିହାତି ଜରୁରୀ । କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଚଣ୍ଡିଆ ବିରଞ୍ଚିପୁରସ୍ଥିତ ସେଣ୍ଟଜାଭିୟର୍ସ ହାଇସ୍କୁଲ ପରିସରରେ ଆୟୋଜିତ ବୃକ୍ଷରୋପଣ ଓ ଶିଶୁଦିବସ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ତଥା ପ୍ରତିଷ୍ଠାତା ଉଦୟନାଥ କର ଏପରି ମତବ୍ୟକ୍ତ କରିଥିଲେ । ମୁଖ୍ୟଅତିଥି ଭାବେ ବିଶ୍ୱତାରିଣୀ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପକ ତଥା ବ୍ୟଙ୍ଗକବି ବାଇତଙ୍କ ବାବା ସୁବାଷ ଚନ୍ଦ୍ର ପାତ୍ର ଯୋଗଦେଇ ଶିଶୁମାନଙ୍କର ମଙ୍ଗଳକାମନା କରିବା ସହ ହାସ୍ୟ କବିତା ମାଧ୍ୟମରେ ଏକ କୌତୂହଳ ପରିବେଶ ସୃଷ୍ଟି କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର ପଳତା ଶୃଙ୍ଖଳା ଓ ସମାନୁବର୍ତ୍ତିତା ରହିଲେ ଅସାଧ ସାଧନ ହୋଇପାରେ ବୋଲି କହିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଉପାଧକ୍ଷ ଗୋଲକ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ଏକ ରଙ୍ଗୋଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିରୁପମା ବେଦାନ୍ତ ପ୍ରଥମ, ସସ୍ମିତା ଭୋଳ ଦ୍ୱିତୀୟ, ଦୀପ୍ତିମୟୀ ବିଶ୍ୱାଳ ତୃତୀୟ ସ୍ଥାନ ଲାଭ କରି ସମ୍ମାନିତ ହୋଇଥିଲେ। ବ୍ୟଙ୍ଗକବି ବାଇତଙ୍କ ବାବା ସୁବାଷ ଚନ୍ଦ୍ର ପାତ୍ରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ତନୁଶ୍ରୀତନୟା ପହିଙ୍କ ଉଦ୍ୟମରେ ବିଦ୍ୟାଳୟ ପରିସରରେ ଏକ ସୁନ୍ଦର ବଗିଚା ସୃଷ୍ଟି କରିଥିବାରୁ ତାଙ୍କୁ ଉଦ୍ୟାନ ମିତ୍ର ରୂପେ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ବାବୁରାମ ମାଝୀ, ବିନୟ କୁମାର ନାୟକ, ସୁଦୀପ୍ତୀ ଦାସ, ଦୟାନିଧି ଚିନରା, ରାଜେଶ ବେହେରା, ପାର୍ଥସାରଥୀ ଜେନା ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ, ସହକର୍ମୀ ମଞ୍ଜୁଲତା ଖୁଣ୍ଟିଆ, ଗଦାଧର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର।

## ଶିଶୁ ଦିବସରେ ଛାତ୍ରୀଛାତ୍ରଙ୍କୁ ବନ୍ଦାପନା

ବଡବିଲ, (ସ୍ୱ.ପ୍ର.)-ଦେଶବ୍ୟାପୀ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ସ୍ମୃତିରେ ନଭେମ୍ବର ୧୪ ତାରିଖରେ ଶିଶୁ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଛି। କେନ୍ଦୁଝର ଜିଲା ବଡବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରଙ୍କୁ ଫୁଲ, ଚନ୍ଦନ ଦେଇ ବନ୍ଦାପନା କରି ମିଷ୍ଟାନ୍ନ ବଣ୍ଟନ କରିଥିଲାବେଳେ ସେଣ୍ଟମେରୀଜ ସ୍କୁଲରେ ଶିକ୍ଷୟତ୍ରୀ ଶିକ୍ଷକ ନୃତ୍ୟ ପ୍ରଦର୍ଶନ କରି ଚକଲେଟ ବଣ୍ଟନ କରି ଛାତ୍ରୀଛାତ୍ରଙ୍କ ସହ ଶିଶୁ ଦିବସକୁ ଉତ୍ସବ ରୂପେ ପାଳନ କରିଛନ୍ତି।


ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀମାନେ ବନ୍ଦାପନା କରୁଛନ୍ତି।

## ଆଇନ ସଚେତନତା କାର୍ଯ୍ୟକ୍ରମ

ଚମ୍ପୁଆ, ୧୪।୧୧(ଡି.ଏନ.ଏ)

ଚମ୍ପୁଆ ଆଦର୍ଶ ବିଦ୍ୟାଳୟ ପରିସରରେ ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକଙ୍କ ତତ୍ତ୍ୱାବଧାନରେ ଶିଶୁ ଦିବସ, ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧରେ ସବ୍‌ଜଜ୍ ବିନୟ କୁମାର ପାତ୍ର, ଜେଏମଏଫସି ସୁଶ୍ରୀ ସମିକ୍ଷା ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ଦୀପିକା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ଶିଶୁ ଦିବସର ପାଳନ ଉପରେ ଆଲୋକପାତ କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ଆଇନ ବିଷୟରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡିଲିଂ ଆସିଷ୍ଟାଣ୍ଟ ଅବଦୁଲ ସୁରଜ ଖାନ ଓ ମନୋଜ କୁମାର ନାଏକ ସହଯୋଗ କରିଥିବା ବେଳେ ପ୍ରାୟ ୩୦୦ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି ସରସ୍ୱତୀ ଶିଶୁ ମନ୍ଦିର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମହତାବ ଉଚ୍ଚ ବିଦ୍ୟାଳୟ ସମେତ ସମସ୍ତ ବିଦ୍ୟାଳୟରେ ଏହି ଦିବସ ପାଳିତ ହୋଇଯାଇଛି।


ଛାତ୍ରୀଙ୍କ ସହ ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକ ହାତ ମିଳାଉଛନ୍ତି।